## ଶ୍ୱଶୁରଘରୁ ଜ୍ୱାଇଁଙ୍କ ମୃତଦେହ ଜବତ

ଢେଙ୍କିକୋଟ,(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ ହାଉସ ଅନ୍ତର୍ଗତ ସରାସପଶି ଗ୍ରାମର ଶ୍ୱଶୁର ଘରୁ ଜ୍ୱାଇଁଙ୍କ ମୃତଦେହ ଜବତ ହୋଇଛି। ମୃତ ଯୁବକ ସଦର ଥାନା ଅନ୍ତର୍ଗତ ମଇଦାନକାଲ ଗ୍ରାମର ଲାଲ ମୋହନ ନାଏକ (୩୩)। ଲାଲ ମୋହନ ୪ ଦିନ ହେବ ଶ୍ୱଶୁର ଘରକୁ ଆସି ରହୁଥିଲେ। ଶନିବାର ଅସୁସ୍ଥ ହୋଇ ରକ୍ତ ବାନ୍ତି କରିଥିଲେ। ଶ୍ୱଶୁର ଘର ଲୋକେ ପାଟଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା( ନଂ.୭୦/୩୩)ରୁଜୁ ହୋଇଛି।

## ସଂକ୍ଷେପରେ

### ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ଗୋପବନ୍ଧୁନଗର/ଖୁଣ୍ଟା, ୯।୧୨(ଶାନ୍ତନୁ କୁମାର ମତୁଆଳ/ଦେବରଞ୍ଜନ ବେହେରା): ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ଧାନଘେରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସ୍କୁଲର ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁଧନ୍ୟା ନାଏକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧ୍ୟାପକ ଡ. ଜୟନ୍ତ କୁମାର ଜେନା, ଅଧ୍ୟାପକ ଗଜେନ୍ଦ୍ର ନାଥ ଦାସ, ରଜତ ଚନ୍ଦ୍ର ନାୟକ, କୁଳମଣି ବେହେରା, ହିମାଂଶୁ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଯୁବକଙ୍କ ବିକାଶ ଦେଶର ବିକାଶ। ଯୁବ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଓ ଯୁବକମାନେ ସାମାଜିକ କାର୍ଯ୍ୟରେ ଅଧିକରୁ ଅଧିକ ଯୋଗଦେବା ସହ କ୍ରୀଡ଼ା କୌଶଳରେ ସେମାନଙ୍କ ମନୋନିବେଶ କରାଇବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। ଅଧ୍ୟାପକ ସୁଭାଷ ଚନ୍ଦ୍ର ଦାଶ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ସରୋଜ ପଣ୍ଡା ଧନ୍ୟବାଦ ଦେଇଥିଲେ।

### ସିମ୍‌କାର୍ଡ ଠକେଇ, ଦୋକାନୀ ଗିରଫ

ବାସୁଦେବପୁର,୯।୧୨ (ନାରାୟଣ ପ୍ରସାଦ ବାରିକ)–ସିମ୍‌କାର୍ଡ ଠକେଇ ଅଭିଯୋଗରେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଭାଗପୁର ଗ୍ରାମର ବିଦ୍ୟାଧର ସାହୁ ନାମକ ଦୋକାନୀଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି। ତାଙ୍କ ଦୋକାନକୁ ସିମ୍‌କାର୍ଡ ନେବାକୁ ଆସୁଥିବା ଲୋକଙ୍କ ଡକ୍ୟୁମେଣ୍ଟ ଏକାଧିକବାର ବ୍ୟବହାର କରି ବିଦ୍ୟାଧର ଶତାଧିକ ଲୋକଙ୍କ ନାଁରେ ସିମ୍‌କାର୍ଡ ଆକ୍ଟିଭେଟ କରି କମ୍ପାନୀର ମାସିକିଆ ଟାର୍ଗେଟ୍ ପୂରଣ କରୁଥିଲେ। ଏ ସମ୍ପର୍କରେ ଟେଲିକମ୍ ବିଭାଗ ଜାଣିବା ପରେ କ୍ରାଇମବାଞ୍ଚକୁ ଅବଗତ କରିଥିଲା। ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶକ୍ରମେ ବାସୁଦେବପୁର ଥାନା ପୋଲିସ ତଦନ୍ତ କରିଥିଲା। ବିଦ୍ୟାଧରଙ୍କୁ ଗିରଫ ସହ ସିମ୍‌କାର୍ଡଗୁଡ଼ିକୁ ଜବତ କରାଯାଇଛି। ଅଧିକ ତଦନ୍ତ ଚାଲିଥିବା ଭଦ୍ରକ ଏସ୍‌ଡିପିଓ ସୌରଭ ଓତା ଏବଂ ବାସୁଦେବପୁର ଆଇଆଇସି ଲୋପାମୁଦ୍ରା ନାୟକ ସୂଚନା ଦେଇଛନ୍ତି।

### ଯୁବକଙ୍କୁ ହତ୍ୟା ଘଟଣା: ମହିଳା ଗିରଫ

ଢେଙ୍କିକୋଟ,୯।୧୨(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ ହାଉସ ଅଧୀନ ପାତ୍ର ସାହିରେ ଗତ ଗୁରୁବାର ଯୁବକଙ୍କୁ ହତ୍ୟା ଘଟଣାରେ ପୋଲିସ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳା ସାହିରେ ରହୁଥିବା ରଞ୍ଜିତା ନାୟକ। ଘଟଣା ଦିନ ରଞ୍ଜିତାଙ୍କ ଘରେ ଢେଙ୍କାନାଳ ଭୁବନ ଅଞ୍ଚଳର ଟ୍ରକ ଡ୍ରାଇଭର ବୀରେନ୍ଦ୍ର ସାହୁ ରହିଥିଲେ। ସେ ସମୟରେ ଖଣ୍ଡଘର ଗ୍ରାମର ଭରତ ଭୂଷଣ ନାୟକ ଯାଇଥିବା ବେଳେ ବୀରେନ୍ଦ୍ରଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ପରେ ସମାଧାନ ହୋଇ ଉଭୟ ରଞ୍ଜିତାଙ୍କ ଘରେ ଶୋଇଥିଲେ। ଭରତ ଶୋଇପଡ଼ିବା ପରେ ଯୋଜନା ବଦ୍ଧ ଭାବେ ବୀରେନ୍ଦ୍ର ପନିକିରେ ହାଣି ଫେରାର ହୋଇଯାଇଥିଲା। ହତ୍ୟା ଘଟଣାରେ ରଞ୍ଜିତାଙ୍କ ସମ୍ପୃକ୍ତି ପ୍ରମାଣ ପାଇ ଶନିବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଅଞ୍ଜନ ପାତ୍ର କହିଛନ୍ତି।

# ଝାଡ଼ଖଣ୍ଡ ଯାଉଛି ଓଡ଼ିଶା ଧାନ

- ମଣ୍ଡି ଖୋଲିବାରେ ବିଳମ୍ବ
- ଶୋଷଣର ଶିକାର ହେଉଛି ଚାଷୀ

ଚମ୍ପୁଆ, ୯।୧୨(ମହେଶ୍ୱର ଦାସ)

ବର୍ଷତମାମ ହାତୀ ଉପଦ୍ରବ ସହ ରୋଗପୋକରେ ଧାନ ଫସଲ ନଷ୍ଟ ହୋଇଥିଲା। ଶେଷରେ ଚାଷୀ ଧାନ ଅମଳ କରି କରଜ ପରିଶୋଧ କରିବାକୁ ଆଶା ରଖିଥିବା ବେଳେ ଏବେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ମାତ୍ର କେନ୍ଦୁଝର ଜିଲା ଚମ୍ପୁଆ ଲ୍ୟାମ୍ପ ଅଧୀନ ଧାନମଣ୍ଡି ଖୋଲିବାରେ ବିଳମ୍ବ ହେତୁ ଚାଷୀ ପଡ଼ୋଶୀ ଜିଲା ଝାଡ଼ଖଣ୍ଡରେ ଧାନ ବିକି ଶୋଷିତ ହେଉଛନ୍ତି। ସେଠାରେ ଉଚିତ ମୂଲ୍ୟ ମିଳୁ ନ ଥିଲେ ବି ପରିବାର ପ୍ରତିପୋଷଣ, କରଜ ଶୁଝିବା ପାଇଁ ଶାଗମାଛ ଦରରେ ଧାନ ବିକ୍ରି କରିବାକୁ ଚାଷୀ ବାଧ ହେଉଛନ୍ତି।

ସୂଚନା ମୁତାବକ, ଚମ୍ପୁଆ ଲ୍ୟାମ୍ପ ଅଧୀନରେ ପୂର୍ବବର୍ଷ ରଜିଆ, ଜାମୁଦଲକ, କରଞ୍ଜିଆ, ରିମୁଳି ଓ କଣ୍ଡରାଠାରେ ଧାନମଣ୍ଡି ଖୋଲାଯାଇଥିଲା। ସରକାରୀ ଧାର୍ଯ୍ୟ ଦର ଅନୁସାରେ ମୋଟ ୪୮ହଜାର



ଜଣେ ଚାଷୀ ଅଟୋରେ ଝାଡ଼ଖଣ୍ଡକୁ ଧାନ ବିକ୍ରି ପାଇଁ ନେଉଛନ୍ତି।

କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ଚଳିତବର୍ଷ ଧାନ ବିକ୍ରି ପାଇଁ ୧୪ ଶହରୁ ଊର୍ଦ୍ଧ୍ୱ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଫଳରେ ଚଳିତ ଖରିଫ ଋତୁରେ ଧାନ କ୍ରୟର ପରିମାଣ ୫୦ରୁ ୬୦ହଜାର କୁଇଣ୍ଟାଲ ହେବା ସମ୍ଭାବନା ରହିଛି। ମାତ୍ର ବର୍ତ୍ତମାନ ସୁଦ୍ଧା ମଣ୍ଡି ଖୋଲାଯାଇନାହିଁ। ଫଳରେ ଧାନ ଅମଳ ପରେ ଚାଷୀ ଅମଳ ବାବଦରେ ବକେୟା ହୋଇଥିବା ଖର୍ଚ୍ଚ ଭରଣା କରିପାରୁନାହାନ୍ତି। ବିଶେଷତଃ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ଚାଷୀଙ୍କ ପାଇଁ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ଚାଷୀ ବାଧହୋଇ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡରେ କମ୍ ଦରରେ ଧାନ ବିକ୍ରି କରି ତେଲଲୁଣ ସଂସାର ଚଳାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏଫ୍‌ଏକ୍ୟୁ ଧାନର ସହାୟକ ମୂଲ୍ୟ ୨୧୮୩ ଟଙ୍କା କୁଇଣ୍ଟାଲ ରଖିଥିବା ବେଳେ ଝାଡ଼ଖଣ୍ଡରେ ଏହାର ସହାୟକ ମୂଲ୍ୟ ୧୬୫୦ରୁ ୧୭୦୦ ଟଙ୍କା କୁଇଣ୍ଟାଲରେ ବିକ୍ରି କରି ଚାଷୀ କ୍ଷତି ସହୁଛି। ଝାଡ଼ଖଣ୍ଡରେ ବ୍ୟବସାୟୀମାନେ ମନଇଚ୍ଛା ଦର ଧାର୍ଯ୍ୟ କରୁଥିବାରୁ ଧାନ ନେଇ ବିକ୍ରି ପାଇଁ ଯାଇଥିବା ଚାଷୀ ଦର ପୋଷାଉ ନ ଥିଲେ ମଧ୍ୟ ବିକ୍ରି କରିବାକୁ ବାଧ ହେଉଛନ୍ତି। ଏ ନେଇ ଚମ୍ପୁଆ ଲ୍ୟାମ୍ପ ଏମ୍‌ଡି ବିଭୂତି ପ୍ରଧାନ କହିଛନ୍ତି, ମଣ୍ଡି ଖୋଲିଲେ ପଞ୍ଜୀକୃତ ଚାଷୀମାନେ ଧାନ ବିକ୍ରି କରିବେ। ଡିସେମ୍ବର ପ୍ରଥମ ସପ୍ତାହରେ ମଣ୍ଡି ଖୋଲିବା କଥା, ମାତ୍ର ପାଗ ପାଇଁ ୧୫ରୁ ୧୭ତାରିଖ ମଧ୍ୟରେ ମଣ୍ଡି ଖୋଲିବା ସମ୍ଭାବନା ରହିଛି। ଖୁବ୍‌ଶୀଘ୍ର ଚାଷୀ ଟୋକନ ପାଇବେ ବୋଲି ସେ ସୂଚନା ଦେଇଛନ୍ତି।

## ଆଞ୍ଚଳିକ ଶୀତ ମହୋତ୍ସବ ଉଦ୍‌ଘାଟିତ



ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି।

ବାହାନଗା, ୯।୧୨(ଅରୂପ କୁମାର ଦାସ)

ବାହାନଗା ବ୍ଲକ ଗୋପାଳପୁରଠାରେ ଶୁକ୍ରବାର ସନ୍ଧ୍ୟାରେ ଆଞ୍ଚଳିକ ଶୀତ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ପର୍ଶୁରାମ ଧଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବ କମିଟି ସଦସ୍ୟ ସୁମନ୍ତ କୁମାର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଅନ୍ତର୍ଯ୍ୟାମୀ ପଣ୍ଡା, ସଞ୍ଜୟ କୁମାର ଦାଶ, ମୁକ୍ତିକାନ୍ତ ଦାଶ, ବୀରକିଶୋର ପଟ୍ଟନାୟକ, ରାଜ୍ୟ ବିଜେଡି ସମ୍ପାଦିକା ସବିତା ଅଗସ୍ତି ପ୍ରମୁଖ ଉପସ୍ଥିତ ରହି ଏହି ମହୋତ୍ସବ ସମ୍ପର୍କରେ କହିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ ରମଣିକାନ୍ତ ମିଶ୍ର। ମୁଖ୍ୟଅତିଥି ଭାବେ ବାହାନଗା ବ୍ଲକ ଗୋଷ୍ଠୀ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ, ମୁଖ୍ୟବକ୍ତା ଭାବେ ସୀତାକାନ୍ତ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ରବୀନ୍ଦ୍ର ମିଶ୍ର, ଭଗବାନ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିବାକର ରଥ, ୨୦ ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ଶିଶିର କୁମାର ଅଗସ୍ତି, ଗଣେଶ କୁମାର ପଣ୍ଡା, ପଣ୍ଡାଶୁଣି ପଞ୍ଚାୟତ ସରପଞ୍ଚ ପରୀକ୍ଷିତ ମାଝି, ତାଳକୁରୁଣିଆ ସରପଞ୍ଚ ସଞ୍ଜନା ଜେନା, ଗଙ୍ଗାଧର ଭାରତୀ ପ୍ରମୁଖ ଯୋଗ ଦେଇଥିଲେ। ସୁମନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ‘ଗଳ୍ପ ସାହିତ୍ୟର ଦିଗନ୍ତ ସନ୍ଧାନୀ ସ୍ରଷ୍ଟା ମନୋଜ ଦାସ’



ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

**ଭଦ୍ରକ ପୁସ୍ତକମେଳାର ଷଷ୍ଠ ସନ୍ଧ୍ୟା**

ଭଦ୍ରକ,୯।୧୨(ସନାତନ ରାଉତ)

ସର୍ବାଧିକ ଶ୍ରଦ୍ଧାଶୀଳ ଲେଖକ ମନୋଜ ଦାସ। ଓଡ଼ିଶା ବାହାରେ ଯେଉଁ ଅଳ୍ପ କେତେଜଣ ସାହିତ୍ୟ ସାଧନା ସକାଶେ ସୁପରିଚିତ ସେମାନଙ୍କ ମଧ୍ୟରେ ସେ ଅଗ୍ରଗଣ୍ୟ। ସର୍ବଭାରତୀୟ ସ୍ତରରେ ସେ ଓଡ଼ିଆ ଓ ଇଂଲିଶ ଭାଷାରେ ସାହିତ୍ୟ ରଚନା କରିବାରେ ତାଙ୍କର ଅସାଧାରଣ ଦକ୍ଷତା ରହିଥିଲା ବୋଲି ସନ୍‌ସାଇନ ମିଶନ ସ୍କୁଲ ନିକଟସ୍ଥ ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଚାଲିଥିବା ଭଦ୍ରକ ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ ଶନିବାର ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଡ. ରାଧାବିନୋଦ ନାୟକଙ୍କ ପୌରୋହିତ୍ୟରେ ‘ମନୋଜ ସାହିତ୍ୟ: ଅନ୍ତରଙ୍ଗ ଅନୁଭୂତି’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଡ. ଅଭୟ ଦାସ ଯୋଗଦେଇ କହିଥିଲେ, ମନୋଜ ଦାସ ତାଙ୍କ ଗଳ୍ପରେ ଏମିତି ଆତ୍ମୀୟତାପୂର୍ଣ୍ଣ ରୀତିରେ ଚରିତ୍ରମାନଙ୍କ ବ୍ୟଙ୍ଗ କରନ୍ତି, ଯାହା ଅତ୍ୟନ୍ତ ସ୍ୱାଭାବିକ ଓ ଅନ୍ତରସ୍ପର୍ଶୀ। ସେ ଗଳ୍ପ ସାହିତ୍ୟର ଦିଗନ୍ତ ସନ୍ଧାନୀ ସ୍ରଷ୍ଟା। ଅନ୍ୟତମ ବକ୍ତା ସାହିତ୍ୟିକ ପବିତ୍ର ପାଣିଗ୍ରାହୀ, ବରେଣ୍ୟ ଅତିଥି ଭାବେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ଶୈଳେନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ପୁସ୍ତକ ମେଳା କମିଟିର ସଭାପତି ଅଜୟ ନାୟକ ମଞ୍ଚାସୀନ ଥିଲେ। କମିଟି ସଦସ୍ୟ ଡ. ରାଧାରାଣୀ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶରତ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବିଜୟ କୁମାର ବହଲୀ, ଅଜିତ କୁମାର, କଳାକାର ଶତପଥୀ, ମନ୍ଦିର ବେହେରା, ରତିକାନ୍ତ ବେହେରା, ରମାକାନ୍ତ ପାଲ, ଶୋଭନ ମହାନ୍ତି, ରମେଶ ଦାସ, ଶାନ୍ତନୁ ରାଉତ, ରାଜକିଶୋର ସାହୁ, ଅରୂପାନନ୍ଦ ନାୟକ, ନିହାର ରଞ୍ଜନ କର, ରମାକାନ୍ତ ନାୟକ, ବିଚିତ୍ରାନନ୍ଦ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୩୪୮ ମାମଲା ସମାଧାନ

କେନ୍ଦୁଝର,୯।୧୨(ଦୀପକ ମିଶ୍ର): ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲା କୋର୍ଟ ସମେତ ଆନନ୍ଦପୁର, ଚମ୍ପୁଆ ଅତିରିକ୍ତ ଜିଲା ଜଜ୍ କୋର୍ଟ, ବଡବିଲ, ହାଟଡିହୀ ଓ ତେଲକୋଇର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତିଙ୍କ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସମୁଦାୟ ୩୪୮ ମକଦ୍ଦମା ସମାଧାନ କରାଯାଇ ୧୦ କୋଟି ୯୫ ଲକ୍ଷ ୧୦ ହଜାର ୭୩୪ ଟଙ୍କା ଆଦାୟ ହୋଇଛି। ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ଅଦାଲତକୁ ଜିଲା ଜଜ୍ କୋର୍ଟ ପରିସରରେ ପ୍ରାଧିକରଣର ଅଧକ୍ଷ ଅଶୋକ ପଣ୍ଡା, ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ରଶ୍ମିତା ଦଳେଇ, ପରିବାର ଅଦାଲତ ବିଚାରପତି ଇତିଶ୍ରୀ ମହାପାତ୍ର, ଅତିରିକ୍ତ ଜିଲା ଜଜ୍ ମମିତା ଦାଶ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ରଞ୍ଜୁଲତା ଲେଙ୍କା, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର, ରେଜିଷ୍ଟ୍ରାର ସସ୍ମିତା ମିଶ୍ର, ମହିଳା କୋର୍ଟ ବିଚାରପତି ପତଞ୍ଜଳୀ ସାହୁ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା ଦାସ, କନିଷ୍ଠ ବିଚାରପତି ପ୍ରଥମ ଶ୍ରେଣୀ ଶିବାନୀ ମହାପାତ୍ର, ଅମ୍ବିକେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧିକରଣ ସଚିବ ମାମି ବେହେରା ପରିଚାଳନା, ଅଚ୍ୟୁତାନନ୍ଦ ସାମନ୍ତରାୟ, ନିର୍ମଳ ନାଏକ, ସୁଧିର ସାହୁ, ମନୋଜ ମହାକୁଡ଼, ଅର୍ଚ୍ଚନା ଦାସ, କରୁଣାକର ବ୍ରହ୍ମା, ବିଶ୍ୱରଞ୍ଜନ ସାହୁ, ରେଣୁଦେବୀ ସିଂ, ସତ୍ୟରଞ୍ଜନ ଦାସ, ବିଶ୍ୱଜିତ୍ ସାହୁ ସହଯୋଗ କରିଥିଲେ।

## କାନ୍ତକବିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ



ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ଓ ଅନ୍ୟମାନେ।

ଭଦ୍ରକ,୯।୧୨(ସନାତନ ରାଉତ)

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୬ତମ ଜନ୍ମ ଦିବସ ଅବସରରେ ଶନିବାର ଭଦ୍ରକ ବାଇପାସ୍‌ଠାରେ ତାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ପୂର୍ବରୁ ଏକ ଛୋଟ ପ୍ରତିମୂର୍ତ୍ତି ଥିବାବେଳେ ଦୀର୍ଘଦିନର ଦାବି ପରେ ଜିଲା ପ୍ରଶାସନ ସହଯୋଗରେ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅବସ୍ଥାପିତ କରାଯାଇଛି। ଉତ୍କଳ ସମ୍ମିଳନୀର ସମ୍ପାଦକ ଅଜୟ ନାୟକ ସଭାପତିତ୍ୱ କରିଥିଲେ। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ, ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ଭଦ୍ରକ କଲେଜର ପୂର୍ବତନ ଅଧକ୍ଷ ଶୈଳେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପରେ ଅନୁଷ୍ଠିତ ସାଧାରଣ ସଭାରେ କାନ୍ତକବିଙ୍କ ନାମରେ ଏକ ଡାକଟିକେଟ ଓ ପଣ୍ଡିତ ଦୈତାରୀ ମହାପାତ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକକୁ ଉନ୍ମୋଚନ କରାଯାଇଥିଲା।

# ଆରମ୍ଭ ହେଲା ସ୍ୟାଣ୍ଡଫେଷ୍ଟ

- ଯୁବପ୍ରତିଭାଙ୍କୁ ଆଗକୁ ଆଣିବାକୁ ପ୍ରୟାସ
- ଅଂଶଗ୍ରହଣ କଲେ ୩୪୦ ପ୍ରତିଯୋଗୀ

ବାଲେଶ୍ୱର, ୯।୧୨(ମାନସ ବିଶ୍ୱାଳ)

ବାଲେଶ୍ୱର ଷ୍ଟେଶନ ଛକ ସ୍ଥିତ ଗାନ୍ଧୀ ସ୍ମୃତିଭବନ ପରିସରରେ ସ୍ୟାଣ୍ଡଫେଷ୍ଟ ୨୦୨୩-୨୪ ଉଦ୍‌ଘାଟିତ ହୋଇଯାଇଛି। ସଙ୍ଗଠନ ସଭାପତି ପ୍ରଦୀପ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଆଇଆଇସି ପ୍ରଜ୍ଞା ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଦିବସର ଆଭିମୁଖ୍ୟ ସମ୍ପର୍କରେ ବାର୍ତ୍ତା ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୁବନେତା ମାନସ କୁମାର ଦତ୍ତ ପ୍ରଥମ ସନ୍ଧ୍ୟାରେ ଯୋଗଦେଇ ସ୍ୟାଣ୍ଡଫେଷ୍ଟ ବାଲେଶ୍ୱରର ଏକ ବହୁ ପୁରାତନ ଏବଂ ଉଚ୍ଚକୋଟୀର ସାଂସ୍କୃତିକ କାର୍ଯ୍ୟକ୍ରମ। ୧୮ବର୍ଷ ଧରି ସ୍ୟାଣ୍ଡଫେଷ୍ଟ ଯୁବ ପ୍ରତିଭାମାନଙ୍କୁ ଆଗକୁ ନେବା ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଆସୁଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସ୍ୟାଣ୍ଡଫେଷ୍ଟ ଅଧ୍ୟକ୍ଷ ଅଜୟ କୁମାର ବିଶ୍ୱାଳ, ସାଧାରଣ ସମ୍ପାଦକ ଦେବଦତ୍ତ ଦାସ, କାର୍ଯ୍ୟକାରୀ ସଭାପତି ଶ୍ୟାମସୁନ୍ଦର ମହାନ୍ତି, ସମ୍ପାଦକ ସିମନ ଦାସମହାପାତ୍ର, ଉପସଭାପତି ବ୍ରଜ କିଶୋର ପ୍ରଧାନ, ସାଂସ୍କୃତିକ ସମ୍ପାଦକ ଲକ୍ଷ୍ମୀକାନ୍ତ ସ୍ୱାଇଁ, ସାଙ୍ଗଠନିକ ସମ୍ପାଦକ ପାର୍ଥସାରଥୀ ଦାସ, ଝାଡେଶ୍ୱର ଜେନା ଓ ଅମୟ କୁମାର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ।

କାର୍ଯ୍ୟକ୍ରମର ପ୍ରଥମ ଦିବସରେ ୩୪୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଆ ଏବଂ ଇଂରାଜୀରେ ତର୍କ ପ୍ରତିଯୋଗିତା, ଶାସ୍ତ୍ରୀୟ ନୃତ୍ୟ, ଆଧୁନିକ ନୃତ୍ୟ ଆଦି ଆୟୋଜିତ ହୋଇଥିଲା। ୩ ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଶେଷ ସନ୍ଧ୍ୟାରେ ପ୍ରସିଦ୍ଧ ବଲିଉଡ ପ୍ଲେ ବ୍ୟାକ ଗାୟକ ଅରିନ୍ଦମ ଚକ୍ରବର୍ତ୍ତୀଙ୍କ ସମେତ ଅନ୍ୟାନ୍ୟ ସେଲିବ୍ରିଟି ଯୋଗଦେବେ ବୋଲି କାର୍ଯ୍ୟକ୍ରମ ଅଧ୍ୟକ୍ଷ ଅଜୟ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି। ଶେଷରେ ଉପସଭାପତି ବିକାଶ ପାଢ଼ୀ ଧନ୍ୟବାଦ ଦେଇଥିଲେ।

## କ୍ୟାମେରାମ୍ୟାନଙ୍କ ପରଲୋକ

ରୂପସା, ୯।୧୨(ବାଞ୍ଛାନିଧି ଦେ)

ରୂପସା ଥାନା ଅଞ୍ଚଳର ପ୍ରବୀଣ କ୍ୟାମେରା ମ୍ୟାନ ଜୁଲୁ ଓରଫ ସୁଜିତ ଗଡ଼ନାୟକ (୪୧)ଙ୍କ ପରଲୋକ ହୋଇଯାଇଛି। ରୂପସା ବଜାରରେ ତାଙ୍କର ଏକ ଡିଜିଟାଲ ଷ୍ଟୁଡ଼ିଓ ଥିଲା। ଏକ ଦୁର୍ଘଟଣା ପରେ ସେ କ୍ୟାନସର, ମଧୁମେହ ଓ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ଓ କଟକ ମେଡିକାଲରେ ଚିକିତ୍ସିତ ହୋଇ ଘରେ ଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁଧବାର ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ମା’, ବାପା, ସାନଭାଇ, ସ୍ତ୍ରୀ ଓ ୧୫ ବର୍ଷର ଜଣେ ଝିଅ ଅଛନ୍ତି। ତାଙ୍କ ମୃତ୍ୟୁ ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

**Office of the Returning Officer**
**Saharayn Universal Multipurpose Society Limited, Bhopal**

**Notice**

All the esteemed members of Saharayn Universal Multipurpose Society Limited, Bhopal, are hereby informed that for constituting a Smaller Representative General Body, an election schedule was published on 25/11/2023, which is hereby postponed till further notice as per the direction of the Central Registrar, Cooperative Societies, New Delhi vide letter dated 30.11.2023.

(R.K. Patil)
Assistant Commissioner & Returning officer
Saharayn Universal Multipurpose Society Limited, Bhopal

# ୨୦ ପର୍ଯ୍ୟଟନସ୍ଥଳ ହେବ ପ୍ଲାଷ୍ଟିକମୁକ୍ତ

ବାରିପଦା,୯।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ୨୦ଗୋଟି ପର୍ଯ୍ୟଟନସ୍ଥଳକୁ ପ୍ଲାଷ୍ଟିକ ମୁକ୍ତ କରିବା ପ୍ରୟାସ ଆରମ୍ଭ ହୋଇଛି। ଏନେଇ ରାଜ୍ୟ ସରକାରଙ୍କ ବନବିଭାଗ ଓ ପରିବେଶ ବିଭାଗ ପକ୍ଷରୁ ନବ ଗଠିତ ଟାସ୍କ ଫୋର୍ସ କମିଟିର ପ୍ରଥମ ବୈଠକ ଶୁକ୍ରବାର ମୟୂରଭଞ୍ଜ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଟାସ୍କ ଫୋର୍ସ କମିଟିର ଅଧ୍ୟକ୍ଷ ତଥା ଜିଲାପାଳ ବିନୀତ ଭରଦ୍ୱାଜ, ଏସ୍‌ପି ଏସ୍. ସୁଶ୍ରୀ, ଶିମିଳିପାଳ ଉତ୍ତର ଡିଭିଜନର ଉପନିର୍ଦ୍ଦେଶକ ସାଇ କିରଣ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ ଭୀମକୁଣ୍ଡ ଇକୋଟୁରିଜିମ, ଭୌରଭକୁଣ୍ଡ, ବରେହିପାଣି ଜଳପ୍ରପାତ, ସୀତାକୁଣ୍ଡ, ଦେବକୁଣ୍ଡ, ଜମ୍ବୀରା ଜଳଭଣ୍ଡାରର ଦେଉଳୀ ପିକ୍‌ନିକ ସ୍ପଟ୍, ଦେବକୁଣ୍ଡ ପିକନିକ୍ ସ୍ପଟ୍, ବଡ଼ଯୋଡ ଜଳଭଣ୍ଡାର ପିକ୍‌ନିକ୍ ସ୍ପଟ, ହାତୀବାରି, ସାରଡ଼ିହା ନିକଟ ତିନିଧାରିଆ, ଉସ୍କି ଜଳପ୍ରପାତ, ଜୋରନ୍ଦା ଜଳପ୍ରପାତ, ଲୁଲୁଙ୍ଗ, ବ୍ରାହ୍ମଣୀକୁଣ୍ଡ, ଶାଳବଣି ସଂରକ୍ଷିତ ଜଙ୍ଗଲ ନିକଟ ମଞ୍ଚାବନ୍ଧା, ଅସୁରଘାଟୀ, ଖଡ଼କେଇ, ବାଙ୍କବାଲ ବନ୍ଧ, କୈଳାସଘାଟୀ ଏବଂ ନେସା ବନ୍ଧ ପର୍ଯ୍ୟଟନସ୍ଥଳ ଚିହ୍ନଟ ହୋଇଛି। ପ୍ରାରମ୍ଭରେ କମିଟିର ସଦସ୍ୟ ଆବାହକ ତଥା ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପୃକ୍ତ ପର୍ଯ୍ୟଟନସ୍ଥଳୀ ନିମନ୍ତେ ସ୍ଥାନୀୟ ସରପଞ୍ଚ, ଭିଏସ୍‌ଏସ, ଇକୋ ସଦସ୍ୟ, ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୁଖଙ୍କୁ ନେଇ ଟାସ୍କଫୋର୍ସ କମିଟି ଗଠନ ହୋଇଛି। କମିଟି ଦ୍ୱାରା ସବୁ ପର୍ଯ୍ୟଟନ ସ୍ଥଳର ପର୍ଯ୍ୟଟକମାନଙ୍କୁ କୌଣସି ସାମଗ୍ରୀ ନେବା ପାଇଁ ପ୍ଲାଷ୍ଟିକ ପରିବର୍ତ୍ତେ ଶାଳପତ୍ର ନୋବୁ ସଚେତନ କରାଯିବା ନେଇ ପଦକ୍ଷେପ ଆରମ୍ଭ ହୋଇଛି।

# ଜିଲାପାଳଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ସମନ

## ରିପୋର୍ଟ ଦାଖଲରେ ଖିଲାପ

କେନ୍ଦୁଝର,୯।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଜାତୀୟ ମାନବାଧିକାର କମିଶନ କେନ୍ଦୁଝର ଜିଲାପାଳ ଆଶୀଷ ଠାକରେଙ୍କୁ ରିପୋର୍ଟ ଦାଖଲରେ ଖିଲାପ ନେଇ ସମନ କରିଛନ୍ତି। ଲିଖିତ ଓ ମୌଖିକ ଭାବେ ଦାଖଲ ରିପୋର୍ଟରେ ତାରତମ୍ୟ ନ ଥିବା ଦର୍ଶାଇ ୧୯ ଜାନୁୟାରୀ ୨୦୨୪ରେ ବ୍ୟକ୍ତିଗତ ହାଜର ହେବାକୁ ନିର୍ଦ୍ଦେଶ ହୋଇଥିବା ଆବେଦନକାରୀ ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ହାଟଡ଼ିହୀ ବ୍ଲକ୍ ସଡ଼ଙ୍ଗ ପଞ୍ଚାୟତର ମଙ୍ଗରାଜପୁର ଗ୍ରାମରେ ପ୍ରାୟ ଦୁଇ ଶହ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ଲୋକ ଆବାସରୁ ବଞ୍ଚିତ ହୋଇଛନ୍ତି। ଏଥିସହ ମୌଳିକ ସୁବିଧା ଓ ଅନ୍ୟାନ୍ୟ ଆବଶ୍ୟକତାରୁ ବଞ୍ଚିତ ନେଇ ଏନ୍‌ଏଚ୍‌ଆରସିରେ ଅଭିଯୋଗ ହୋଇଥିଲା। କମିଶନ ମାମଲା (ନଂ. ୪୬୪/୧୮ ଜୁଲାଇ ୨୦୨୩) ରୁଜୁ କରି ଶୁଣାଣି କରିଥିଲେ। ଶୁଣାଣିରେ ଭର୍ଚୁଆଲ ମୋଡ୍‌ରେ ଉନ୍ନୟନ କମିଶନର ଅନୁଗର୍ଗ, ପ୍ରମୁଖ ଶାସନ ସଚିବ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ସୁଶୀଲ ଲୋହାନୀ, ଜିଲାପାଳ ଉପସ୍ଥିତ ଥିଲେ। ମୌଖିକ ଭାବରେ ଜିଲାପାଳ ୧୪୦ ହିତାଧିକାରୀଙ୍କ ମଧ୍ୟରୁ ୪୫ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସହାୟତା ମିଳିଛି। ଅନ୍ୟ ୪୫ ଜଣ ରୁରାଲ ହାଉସିଂ ୱେଟିଂ ଲିଷ୍ଟରେ ରହିଥିବା କହିଥିଲେ। ୪ ସପ୍ତାହ ମଧ୍ୟରେ ଯୋଗାଦିଆଯାଇଥିବା ସମସ୍ତ ଘର ଓ ସୁବିଧା ବିଷୟରେ ରିପୋର୍ଟ କମିଶନ ନିକଟରେ ପ୍ରଦାନ କରିବାକୁ ଜିଲାପାଳଙ୍କୁ ଆଦେଶ କରିଥିଲେ। ସେହିପରି ୧୮ ଅଗଷ୍ଟରେ କମିଶନ ଚିଠି କରି ଚାରି ସପ୍ତାହ ମଧ୍ୟରେ ଲିଖିତ ଓ ମୌଖିକ ସୂଚନା ମଧ୍ୟରେ ଥିବା ତାରତମ୍ୟ ବିଷୟରେ ରିପୋର୍ଟ ଦେବାକୁ ଆଦେଶ କରିଥିଲେ। ଏ ନେଇ ଜିଲାପାଳ କୌଣସି ସିପୋର୍ଟ ନ ଦେବାରୁ ମାନବାଧିକାର ସୁରକ୍ଷା ଆଇନ ୧୯୯୩ ଅନୁଯାୟୀ ବ୍ୟକ୍ତିଗତ ଭାବେ ଦିଲ୍ଲୀସ୍ଥିତ ମାନବ ଅଧିକାର ଭବନରେ ହାଜର ହେବାକୁ ସମନ କରିଛନ୍ତି। ଜିଲାପାଳ ଆଶୀଷ ଠାକ୍‌ରେ କହିଛନ୍ତି, ସମସ୍ତ ତଥ୍ୟଗତ ସୂଚନା ପ୍ରଦାନ କରାଯାଇଛି। ଆଉ କିଛି ସୂଚନା ପ୍ରଦାନ କରିବାକୁ କୁହାଯାଇଛି।

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ସମ୍ବଲପୁର ଶାଖା
ଶିବଲୋକ କମ୍ପ୍ଲେକ୍ସ, ଗୈଟୀ ଟକିଜ୍ ରୋଡ୍, ଗୋଲ ବଜାର ନିକଟ, ସମ୍ବଲପୁର -୭୬୮୦୦୧, ଫୋନ୍.: ୬୩୭୦୭୦୪୮୫୫, ଇ-ମେଲ୍: bom1824@mahabank.co.in

**ଦଖଲ ନୋଟିସ୍**
[ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ **ଭୌତିକ ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ହୋଟେଲ ମା ଶକ୍ତି, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ବୃନ୍ଦାବନ ସାହୁ, ଠିକଣା:** ସା: ଅଶୋକା ଟକିଜ୍ ରୋଡ୍, ନିକ୍କି ହୋଟେଲ ନିକଟ, ସମ୍ବଲପୁର, ଓଡ଼ିଶା-୭୬୮୦୦୨, **ଅନ୍ୟ ଠିକଣା:** ସା: ଏଫ୍-୧, ସରସ୍ୱତୀ ଏନ୍‌କ୍ଲେଭ, ସିଟି ଷ୍ଟେସନ୍ ନିକଟ, ପୋ: ଧନକଉଡା, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୫ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ କରିସ୍ମା ସାହୁ,** ସ୍ୱାମୀ: ଶ୍ରୀ ବୃନ୍ଦାବନ ସାହୁ, ସା: ଏଫ୍-୧, ସରସ୍ୱତୀ ଏନ୍‌କ୍ଲେଭ, ସିଟି ଷ୍ଟେସନ୍ ନିକଟ, ପୋ: ଧନକଉଡା, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୫ | **ଶ୍ରୀମତୀ କରିସ୍ମା ସାହୁ,** ସ୍ୱାମୀ: ଶ୍ରୀ ବୃନ୍ଦାବନ ସାହୁଙ୍କ ନାମରେ ଥିବା ଅଣ ଚକବନ୍ଦୀ ଯୋଗ୍ୟ ପ୍ଲଟ୍ ନଂ.: ୬୯ର ଜମି ଯାହାର ଚକ ଖାତା ନଂ.: ୯୭, କ୍ଷେତ୍ର: ଏକର୦.୦୪୫ ଡ଼ିସିମିଲି (ଚାରି ଡିସିମିଲି ପାଞ୍ଚ ସେଣ୍ଟସ୍), ମୌଜା: ଧନକଉଡା, ଥାନା: ସମ୍ବଲପୁର ନଂ.: ୨୪, ତହସିଲ: ସମ୍ବଲପୁର ନଂ.: ୨୨୧, ଜିଲ୍ଲା: ସମ୍ବଲପୁର, ସମ୍ବଲପୁର ଜିଲ୍ଲା ରେଜିଷ୍ଟ୍ରେସନ୍ କ୍ଷେତ୍ରାଧିନ ସଦର ସବ୍-ରେଜିଷ୍ଟ୍ରେସନ୍ ଇଲାକା, ଏହାର ଚାରିପାର୍ଶ୍ୱରେ ପୂର୍ବ: ଚକ ପ୍ଲଟ୍ ନଂ.: ୭୦, ପଶ୍ଚିମ: ଚକ ପ୍ଲଟ୍ ନଂ.: ୬୯, ଉତ୍ତର: ମୌଜା: ସମ୍ବଲପୁର ଟାଉନ୍ ୟୁନିଟ୍ ନଂ.: ୧୬, ସରଳା, ଦକ୍ଷିଣ: ଚକ ପ୍ଲଟ୍ ନଂ.: ୬୮ | ତା.୧୭.୦୮.୨୦୨୩ରିଖ ସୁଦ୍ଧା ଟ.୩୮,୯୧,୬୫୪/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୧୭.୦୮.୨୦୨୩ / ୦୫.୧୨.୨୦୨୩ |

ସ୍ଥାନ : ସମ୍ବଲପୁର, ତାରିଖ : ୦୫.୧୨.୨୦୨୩
ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

## କନିଷ୍ଠ ଯନ୍ତ୍ରୀଙ୍କ କ୍ୱାର୍ଟର୍ସରୁ ଚୋରି ଗହଣା, ଟଙ୍କା ଜବତ

ମୋରଡ଼ା,(ସ୍ମାରକ ମାଜୀ)-ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ସୁବର୍ଣ୍ଣରେଖା କେନାଲ କାର୍ଯ୍ୟାଳୟ ପରିସର କନିଷ୍ଠ ଯନ୍ତ୍ରୀ ସସ୍ମିତା ମଲ୍ଲିକଙ୍କ କ୍ୱାର୍ଟର୍ସରୁ ଗତ ୭ ତାରିଖରେ ଚୋରି ହୋଇଥିଲା। ସ୍କାଇଲାଇଟ ଭାଙ୍ଗି ଏକ ସୁନା କାନଫୁଲ ଓ ୪୫୦୦ ଟଙ୍କା ଚୋରି ହୋଇଥିବା ନେଇ କନିଷ୍ଠ ଯନ୍ତ୍ରୀ ମୋରଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସାଇଣ୍ଟିଫିକ ଟିମ୍ ଓ ଡଗ୍‌ସ୍କ୍ୱାଡ୍ ସହ ତଦନ୍ତ କରିବା ପରେ ଜଣେ ନାବାଳକ ଚୋରି କରିଥିବା ଜଣାପଡ଼ିଥିଲା। ନାବାଳକଙ୍କ ନିକଟରୁ ୧୭୦୦ଟଙ୍କା ଓ ସୁନା କାନଫୁଲ ଜବତ ସହ ତାଙ୍କୁ ବାଳସୁଧାର ଗୃହକୁ ପଠାଯାଇଛି।

**ସଂକ୍ଷେପରେ**

## ଦନ୍ତା ଆକ୍ରମଣରେ ମୃତକଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ

ପାଟଣା,୯।୧୨(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ପୋଇପାଣି ବିଟ୍ ପୋଇପାଣି ଗ୍ରାମର ତୁଳସୀ ମହାରଣା (୪୫)ଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିଲା। ଘଟଣାରେ ଶନିବାର ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର ଗ୍ରାମରେ ପହଞ୍ଚି ଅନୁକମ୍ପା ଅର୍ଥ ରାଶି ୬ ଲକ୍ଷ ଟଙ୍କାର ୧୦ ପ୍ରତିଶତ ୬୦ ହଜାର ଟଙ୍କାର ଚେକ ମୃତକଙ୍କ ସମ୍ପର୍କୀୟ ଗୁରୁ ଚରଣଙ୍କୁ ପ୍ରଦାନ କରିଛନ୍ତି। ଚେକ୍ ପ୍ରଦାନ ସମୟରେ ୮ ନମ୍ବର ଜୋନ୍ ଜିଲା ପରିଷଦ ସଦସ୍ୟ ରଣଜିତ୍ ନାଏକ, ତୋରାଣି ପୋଖରୀ ସରପଞ୍ଚ ଜନାର୍ଦ୍ଦନ ନାଏକ, ବନପାଳ ପିଅନ ନାଏକ, ୱାର୍ଡ ସଦସ୍ୟ ଲକ୍ଷ୍ମୀଧର ଦାସ, ଜିତେନ୍ଦ୍ର ବାରିକ, ଭିଏସଏସ ସଭାପତି ନିରଞ୍ଜନ ସାହୁ, ସତ୍ୟାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅବଶିଷ୍ଟ ୫ଲକ୍ଷ ୪୦ ହଜାର ଟଙ୍କା କାଗଜ ପତ୍ର ସରିଲେ ପ୍ରଦାନ କରାଯିବ ବୋଲି ରେଞ୍ଜର କହିଛନ୍ତି।

## ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ଦିବସ

ଧାମନଗର,୯।୧୨(ଦେବେନ୍ଦ୍ର ଆନ୍ଦିଆ)-ଭଦ୍ରକ ଜିଲା ଧାମନଗର ମହାବିଦ୍ୟାଳୟରେ ଖୋଲିଥିବା ୭ମ ଓଡ଼ିଶା ବାଟାଲିଅନର ସମର ଶାର୍ଥୀ ବାହିନୀ ପକ୍ଷରୁ ଅନ୍ତର୍ଜାତୀୟ ଦୁର୍ନୀତି ନିବାରଣ ଦିବସ ଶନିବାର ପାଳନ କରାଯାଇଛି। କେୟାର ଟେକର ଅଫିସର ଅଧ୍ୟାପକ ଆଶୀର୍ବାଦ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି କଲେଜର ଅଧ୍ୟକ୍ଷ ଡ. ବନମାଳୀ ଦାଶ ଯୋଗଦେଇ ଦୁର୍ନୀତି ସମାଜ ଅଗ୍ରଗତିରେ ବାଧକ ସାଜିଛି ବୋଲି କହିଥିଲେ। ଏହି ଅବସରରେ ଏନ୍‌ସିସି କ୍ୟାଡେଟମାନଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ବାସ୍ତବିକା ଦାସ, ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ପରିଡ଼ା, ଡ. ମନୋଜ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରକ୍ ଧକ୍କାରେ ବାଇକ ଆରୋହୀ ମୃତ ଘଟଣାସ୍ଥଳରେ ଉତ୍ତେଜନା

ଯୋଡ଼ା,୯।୧୨(ମାନସ ମହାନ୍ତି): କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ହାତୀ ମରାଛକଠାରେ ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ କଟୁପାଲି ଗ୍ରାମର ବିଭିଷଣ ବେହେରା। ସେ ଶନିବାର ଅପରାହ୍ନରେ କୌଣସି କାମରେ ଯାଉଥିବା ବେଳେ ଟ୍ରକ୍ ତାଙ୍କ ବାଇକକୁ ପଛପଟୁ ଧକ୍କା ଦେଇ ଘୋଷାଡ଼ି ନେଇଥିଲା। ମୁମୂର୍ଷୁ ଅବସ୍ଥାରେ ବାଟରେ ପଡ଼ିରହିଥିଲେ। ଖବର ପାଇ ତାଙ୍କ ପୁଅ ହେମନ୍ତ ଏକ ବୋଲେରୋ ଯୋଗେ ତାଙ୍କୁ ଝୁମ୍ପୁରାସ୍ଥିତ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଉକ୍ତ ଅଞ୍ଚଳରେ ଜନସାଧାରଣଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଘଟଣାସ୍ଥଳରେ ବାମେବାରୀ ପୋଲିସ ପହଞ୍ଚି ଜନସାଧାରଣଙ୍କୁ ବୁଝାସୁଝା କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ଉତ୍ତେଜନା ଲାଗିରହିଛି।

# ପାଣି ନେବାକୁ ରାତି ୩ରୁ ଲମ୍ବାଧାଡ଼ି

ଚାନ୍ଦବାଲି, ୯।୧୨ (କିଷାନ ପାତ୍ର)

- ୫ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗୋଟିଏ ନଳକୂପ
- ଗାଁକୁ ପକ୍କାରାସ୍ତା, ନଳକୂପ ନାହିଁ ତ ଭୋଟ୍ ନାହିଁ ଚେତାବନୀ



ଚକିଆସାହି ଗ୍ରାମରେ ମହିଳାମାନେ ନଳକୂପରୁ ପାଣି ନେବା ପାଇଁ ଧାଡ଼ିରେ ଠିଆ ହୋଇଛନ୍ତି।

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଉତୁକୁଡ଼ା ପଞ୍ଚାୟତର ଚକିଆସାହି ଗ୍ରାମ ଏବେବି ଅବହେଳିତ ଅବସ୍ଥାରେ ରହିଛି। ଉକ୍ତ ଗ୍ରାମକୁ ଯାତାୟାତ କରିବା ପାଇଁ ଭଲ ରାସ୍ତା ଖଣ୍ଡେ ନ ଥିବାବେଳେ ପିଇବା ପାଣି ପାଇଁ ସରକାରୀ ନଳକୂପ ପାଖରେ ଲମ୍ବାଧାଡ଼ି ଲାଗୁଛି। ଗାଁକୁ ପକ୍କାରାସ୍ତା ଓ ଅଧିକ ନଳକୂପ ବସାଇବା ପାଇଁ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ସରକାରଙ୍କ ପକ୍ଷରୁ ଚାନ୍ଦବାଲିରେ ମେଗା ପ୍ରକଳ୍ପ ମାଧ୍ୟମରେ ବିଭିନ୍ନ ଗ୍ରାମକୁ ପାଇପ୍ ଯୋଗେ ବିଶୁଦ୍ଧ ପାଣି ଯୋଗାଇବା ବ୍ୟବସ୍ଥା ହୋଇଥିବା ବେଳେ ଏହି ଗ୍ରାମକୁ ସଂଯୋଗ କରାଯାଇ ନାହିଁ। ଗ୍ରାମର ଲୋକେ ପାଣି ଆଣିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ସେମାନଙ୍କ ଦାବିକୁ ଅଣଦେଖା କରାଯାଉଥିବା ଅଭିଯୋଗ ଆଣି ଅସନ୍ତୋଷ ପ୍ରକାଶ କରିଛନ୍ତି। ଉକ୍ତ ଗ୍ରାମରେ ୬୫ ପରିବାର ବସବାସ କରୁଛନ୍ତି। ମୋଟ ୫ଶହରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କୁ ଏବେ ମାତ୍ର ଗୋଟିଏ ସରକାରୀ ନଳକୂପ ଅଛି। ଏତେସଂଖ୍ୟକ ଲୋକ ଯୋଗୁ ଗ୍ରାମର ମହିଳାମାନେ ଗୋଟିଏ ନଳକୂପରୁ ପାଣି ନେବାକୁ ରାତି ୩ଟାରୁ ସେଠାରେ ଲମ୍ବାଧାଡ଼ିରେ ରହି ଅପେକ୍ଷା କରିବାକୁ ପଡୁଛି। ୱାର୍ଡମେମ୍ବର ମମତା ବେହେରା କହନ୍ତି, ଗ୍ରାମରେ ପୂର୍ବରୁ ଦୁଇଟି ସରକାରୀ ନଳକୂପ ଥିଲା। ସେଥିମଧ୍ୟରୁ ଗୋଟିଏ ନଳକୂପ ଦୁଇବର୍ଷରୁ ଊର୍ଦ୍ଧ୍ୱ ହେଲା ହେଲା ଅଚଳ ହୋଇପଡ଼ିଛି। ଏହାର ମରାମତି ପାଇଁ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ତେବେ ଗ୍ରାମରେ ପିଇବା ପାଣି ସମସ୍ୟା ମାସକର କିମ୍ବା ବର୍ଷକର ନୁହେଁ ଦୀର୍ଘ ୧୦ବର୍ଷ ଧରି ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶାସକ ଦଳ ପକ୍ଷରୁ ଦୁଇ ଦୁଇଥର ଲଗାତର ବିଧାୟକ ହେବା ପରେ ମଧ୍ୟ ଏହି ଗ୍ରାମର ମୌଳିକ ସମସ୍ୟା ସମାଧାନ ହୋଇପାରୁ ନାହିଁ। ଆଗାମୀ ନିର୍ବାଚନ ପୂର୍ବରୁ ରାସ୍ତା ଓ ପାଣି ସମସ୍ୟା ସମାଧାନ ନ ହେଲେ ଏଥର ଭୋଟ୍ ଦେବେ ନାହିଁ। ଏଥିସହ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ନିଷ୍ପତ୍ତି ନେଇଥିବା ଗ୍ରାମର କାହ୍ନୁଚରଣ ବେହେରା କହିଛନ୍ତି। ଏ ସମ୍ପର୍କରେ ଉତୁକୁଡ଼ା ସରପଞ୍ଚ ସ୍ୱର୍ଣ୍ଣଲତା ପୁହାଣ କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ପରେ ୩ଥର ପଞ୍ଚାୟତ ସମିତି ବୈଠକରେ ସେ ପ୍ରସଙ୍ଗ ଉପସ୍ଥାପନ କରିଛନ୍ତି। ସେହିପରି ଗ୍ରାମବାସୀଙ୍କ ସହ ଯାଇ ଏନେଇ ବିଡିଓଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି।

## ୧୩ ପ୍ରକଳ୍ପ ଶିଳାନ୍ୟାସ କଲେ ବିଧାୟକ



ରଡିଶା ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

ଖଇରା, ୯।୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରଡିଶା ପଞ୍ଚାୟତରେ ଶୁକ୍ରବାର ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ୫୦ଲକ୍ଷ ଟଙ୍କା ବ୍ୟୟରେ ୧୩ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ପ୍ରଥମେ ତୁମ୍ବାପଦିଠାରେ ଏକ ଗୋଷ୍ଠୀ କେନ୍ଦ୍ରର ଶିଳାନ୍ୟାସ କରାଯିବା ପରେ ରଡିଶା ସାଇମନ୍ଦିର କୋଠଘର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ସେହିଭଳି ହୁରିପଡିଆ, ବଗଦିଆ, ମୁଦୁଲି ସାହି, ଦେଉରିସାହି, ଗଡସାହି ଆଦି ସାହିରେ ସାଂସ୍କୃତିକ ଅନୁଷ୍ଠାନ, ଗୋଷ୍ଠୀ କେନ୍ଦ୍ର, ସ୍କୁଲ ଶ୍ରେଣୀ ଗୃହ ଆଦିର ଶୁଭ ଶିଳାନ୍ୟାସ କରାଯାଇଥିଲା। ସରପଞ୍ଚ ବାସନ୍ତୀ ମହାନ୍ତି, ସମିତି ସଭ୍ୟା ଛବିଲତା ମହାପାତ୍ର, ପଞ୍ଚାୟତ ସଭାପତି ପ୍ରଫୁଲ୍ଲ ମହାନ୍ତି, ବର୍ତ୍ତନା ପରିଚାଳନା ବୋର୍ଡ ସଭାପତି ନିରଞ୍ଜନ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ସୁଦର୍ଶନ ସାହୁ, ମୂରଲୀ ପାଣିଗ୍ରାହୀ, ମଦନ ପୁହାଣ, ସାଗର ସାହୁ, ଅଞ୍ଜନ ମହାପାତ୍ର, କୈଳାସ ସାହୁ, ହଳଧର ଦେଉରୀ, ମଙ୍ଗଳ ଦେଉରୀ, ବବୁରୁ ଖିଲାର, କାଶୀ ମୁଦୁଲୀ, ମାନସ ପୁହାଣ, ଜଗା ଦେଉରୀ, ପୂର୍ଣ୍ଣଚନ୍ଦ୍ର ସାହୁ, ପରେଶ ନାୟକ, ଗୋପାଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପାରମ୍ପରିକ ହସ୍ତତନ୍ତ, ହସ୍ତକଳା ପ୍ରଦର୍ଶନୀ

ବଡ଼ବିଲ,୯।୧୨(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲରେ ଆରିୟା କଲୋନୀ ଓ ଉଷା ଫାଉଣ୍ଡେସନ ଉଦ୍ୟମରେ ସପ୍ତାହ ବ୍ୟାପି ଚାଲିଥିବା ପାରମ୍ପରିକ ହସ୍ତତନ୍ତ, ହସ୍ତକଳା ଓ ଚିତ୍ରକଳା ପ୍ରଦର୍ଶନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ତନ୍ତ, ଚିତ୍ର ଓ ହସ୍ତକଳା ଶିଳ୍ପୀମାନେ ଅଂଶଗ୍ରହଣ କରିଥିଲେ। ଖୋର୍ଦ୍ଧ ଜିଲା ବାଘମାରିର ମୁଖା, କୋରାପୁଟ ଜିଲା କୋଟପାଡ଼ର ଟସର, ଭୁବନେଶ୍ୱରର ପଟ୍ଟଚିତ୍ର, ଛତିଆ ଚମ୍ପାପୁରର କାଇଁଚ ଅଥବା ବୀଣାଚେରରେ ତିଆରି ସାମଗ୍ରୀ, ଢେଙ୍କାନାଳ ସପ୍ତଶଯ୍ୟା ନୂଆଗାଁର ଢୁକୁରା ପିତଳ ସାମଗ୍ରୀ, କେନ୍ଦୁଝରେ ହଳଧରପୁରର ଟେରାକଟା ସାମଗ୍ରୀ ଆଦି ସ୍ଥାନ ପାଇଥିଲା। ଏଥିସହ ଖଣି ଓ କାରଖାନାର ଅନୁକୂଳ ଏବଂ ପ୍ରତିକୂଳ ପରିବେଶ ପରିକଳ୍ପନାମାନ ପ୍ରଦର୍ଶନୀରେ ସ୍ଥାନିତ ହୋଇଥିଲା। ଶିଳ୍ପୀମାନଙ୍କ ମଧ୍ୟରେ ଡିମ୍ପଲ ସାହ, ମୌମିତା ବସକ, ନିରଜ ସତପଥି, ପୃଥିରାଜ ସାହୁ, ଶ୍ରୀମି ସାହା, ସୁନୀଲ ଗାଓ୍ୱଡେ, ତହସିନ ଅଖତାର, ବସ୍ତନ ବେହେରା, ବିଚିତ୍ର ସାହୁ, ବିଦ୍ୟାଧର ମହାନ୍ତ, ଚକ୍ରଧର ପରିଡ଼ା, ଦିପ୍ତିରାଣୀ ବେହେରା, କଳ୍ପତରୁ ପଣ୍ଡା, ରାଧାଶ୍ୟାମ ରାଉତ ପ୍ରମୁଖ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ପ୍ରଦର୍ଶନୀର ଅନ୍ତିମ ଦିବସରେ କେନ୍ଦୁଝର ଜିଲାର କଣ୍ଢେଇନାଚ, ଝୁମର ଓ ଆଦିବାସୀ ନୃତ୍ୟ ପରିବେଷିତ ହୋଇଥିଲା। ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ବିଭିନ୍ନ ଖଣି ଓ କାରଖାନାର ଅଧିକାରୀମାନେ ଯୋଗଦେଇ ପାରମ୍ପାରିକ କଳାର ପ୍ରଚାର ପ୍ରସାର ନିମନ୍ତେ ପ୍ରତିଷ୍ଠିତ ଶିଳ୍ପ ବ୍ୟବସାୟୀ ଓ ଖଣି ଲିଜଧାରୀମାନେ ଆଗେଇ ଆସିବା ଆବଶ୍ୟକ ବୋଲି ମତ ପୋଷଣ କରିଥିଲେ।

## କରଞ୍ଜିଆରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

କରଞ୍ଜିଆ,୯।୧୨(କବିତା ମହାନ୍ତ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବିଚାର ବିଭାଗୀୟ ଅଦାଲତ ପରିସରରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ତାଲୁକ ଆଇନ ସେବା ସମିତି ପକ୍ଷରୁ ଅଯୋଜିତ ହୋଇଯାଇଛି। ଅତିରିକ୍ତ ଜିଲା ଦୌରାଜଜ ପ୍ରଶାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଲୋକ ଅଦାଲତକୁ ସବ୍‌ଜଜ ଶଙ୍ଖ ଚକ୍ରବର୍ତ୍ତୀ ଓ ଏସ୍‌ଡିଜେଏମ ସାଲୋମୀ ସାହୁ ସହଯୋଗ କରିଥିଲେ। ସବଜଜ୍‌ଙ୍କ ଅଦାଲତରେ ୪୮ଟି ଆଗତ ହୋଇଥିଲା। ୫ଟିର ଫଇସଲା ହୋଇ ମୋଟ ୧୦ ଲକ୍ଷ ୪ହଜାର ଟଙ୍କା ଆଦାୟ କରାଯାଇଥିଲା। ୧୮ଟି ଦେୱାନୀ ମକଦ୍ଦମା ଆଗତ ହୋଇ ଦୁଇ ଫଇସଲା କରାଯାଇଥିଲା। ଏସ୍‌ଡିଜେଏମଙ୍କ ଅଦାଲତରେ ୭୦ ଫୌଜଦାରୀ ମକଦ୍ଦମା, ଚେକ ବାଉନ୍ସ କେସ୍ ମାମଲା ଜନିତ ୧୧ଟି ଆଗତ ହୋଇ ୬ଟିର ବିଚାର କରାଯାଇଥିଲା। ୨ଟି ଦେୱାନୀ ମକଦ୍ଦମା ଓ ୩୬ଟି ବିଭିନ୍ନ ମାମଲା ବିଚାର କରାଯାଇଥିଲା। ଶାନ୍ତନୁ ନନ୍ଦ ପାତ୍ର, ଜନ୍ମେଜୟ ଦାସ, ବୈକୁଣ୍ଠ ଚରଣ ନାୟକ, ଜୟସ୍ମିତା ସାହୁ, ମନୋରଞ୍ଜନ ପୃଷ୍ଟି, ମନୋରଞ୍ଜନ ରାଉତ, ସତ୍ୟବାନ ନାୟକ ସନ୍ତୋଷ ବାଗ ଓ ସନତ ସେଠୀ ପରିଚାଳନାରେ ସହଯୋଗ କରିଥିଲେ।

## ରୋଟାରି କ୍ଲବରେ ମେଗା ସ୍ୱାସ୍ଥ୍ୟ ଶିବିର




ମେଗା ସ୍ୱାସ୍ଥ୍ୟ ଶିବିରରେ ରୋଗୀଙ୍କୁ ଚିକିତ୍ସା କରାଯାଉଛି।

ବାଲେଶ୍ୱର, ୯।୧୨ (ମାନସ ବିଶ୍ୱାଳ)

**୨୫୨ ରୋଗୀଙ୍କୁ ଚିକିତ୍ସା**

ବାଲେଶ୍ୱର ରୋଟାରୀ କ୍ଲବ କେବଳ ସ୍ୱାସ୍ଥ୍ୟ ସେବା ନୁହେଁ ବରଂ ଦୁସ୍ଥ ଓ ଅବହେଳିତଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛି। ଏହି କ୍ରମରେ ଶନିବାର ଏଡ଼ିଏମ୍ ଛକସ୍ଥିତ ରୋଟାରୀ ଭବନ ପରିସରରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। କଳିଙ୍ଗ ହସପିଟାଲର କିଡ୍‌ନୀ ରୋଗ ବିଶେଷଜ୍ଞ ଡା. ପ୍ରବୀନ ମାଝି, ପେଟ ରୋଗ ବିଶେଷଜ୍ଞ ଡା. ପ୍ରଦୀପ ସେଠୀ, ଅସ୍ଥିଶଲ୍ୟ ଓ ମେରୁଦଣ୍ଡ ରୋଗ ବିଶେଷଜ୍ଞ ଡା. ଇନ୍ଦ୍ରାନୀଲ ଦେ, ହୃଦ୍‌ରୋଗ ବିଶେଷଜ୍ଞ ଡା. ପଙ୍କଜ ମିଶ୍ର ଏବଂ ଭେଷଜ ବିଶେଷଜ୍ଞ ଡା. ଦେବାଶିଷ ମିଶ୍ର ଯୋଗଦେଇଥିଲେ। ରୋଟାରୀ କ୍ଲବ ସଭାପତି ଚାଟାର୍ଡ଼ ଆକାଉଣ୍ଟାଣ୍ଟ ପ୍ରଦୀପ୍ତ ପଣ୍ଡାଙ୍କ ସମେତ ଦେବେନ୍ଦ୍ର କୁମାର ଧଳ, ସୁବ୍ରତ କୁମାର କର, କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର, ସୌରଭ ବେହେରା, ବିକ୍ରମଜିତ କର, ଡ. ପଙ୍କଜ କୁମାର ଜେନା ଓ ସୁଖମୟ ଦାସ ପ୍ରମୁଖ ରୋଟାରୀ କ୍ଲବର ସଦସ୍ୟମାନେ ଡାକ୍ତରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଶିବିରରେ କିଡନୀ, ପେଟ, ଅସ୍ଥିଶଲ୍ୟ ଓ ମେରୁଦଣ୍ଡ, ହୃଦରୋଗ ଆଦି ବିଭାଗର ୨୫୨ଜଣ ରୋଗୀଙ୍କୁ ଚିକିତ୍ସା କରାଯାଇ ଉତ୍ତମ ପରାମର୍ଶ ଦିଆଯାଇଥିଲା। ନିକୁଞ୍ଜ ମହାନ୍ତି, ଭାବଗ୍ରାହୀ ମହାନ୍ତି, ଲକ୍ଷ୍ମୀପ୍ରିୟା ଜେନା, ଶିରିଶ ଜେନା, ଉଦୟରଞ୍ଜନ ଦାସ, ସନ୍ତୋଷ ନାହକ ପ୍ରମୁଖ ରୋଟାରିଆନମାନେ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ନେଇଗଲେ

କଣ୍ଟିପାଳ,୯।୧୨(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଚମର୍ଦ୍ଦା ଗ୍ରାମରେ ପୁଣି ଜଣେ ସୁନା ବ୍ୟବସାୟୀଙ୍କୁ ଘରୁ ଶୁକ୍ରବାର ଚୋରି ହୋଇଛି। ଦୁର୍ବୃତ୍ତ ରାତିରେ ବ୍ୟବସାୟୀଙ୍କ ଘରେ ପଶି ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ନେଇଯାଇଛନ୍ତି। ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଚମର୍ଦ୍ଦା ଗ୍ରାମର ବାଞ୍ଛାନିଧି ସାହୁଙ୍କ ପୁଅ ରମେଶ ସାହୁ ଆନନ୍ଦପୁର ପୌରପରିଷଦ ପଦ୍ମପୁର ବଜାରରେ ଏକ ସୁନା ଦୋକାନ କରି ପରିବାର ଭରଣପୋଷଣ କରିଥାନ୍ତି। ଶୁକ୍ରବାର ରାତିରେ ଦୋକାନ ବନ୍ଦ କରି ଘରକୁ ଫେରିବା ପରେ ଘରେ ସୁନା ଓ ରୁପା ଅଳଙ୍କାର ରଖି ଗ୍ରାମ ଛକକୁ ଅପେରା ଦେଖିବାକୁ ଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତ ତାଙ୍କ ଘର ଫାଟକ ଭାଙ୍ଗି ଘରେ ଥିବା ୯ ଗ୍ରାମର ସୁନା ଓ ୧୦ ଭରି ଓଜନର ରୁପା ଅଳଙ୍କାର ନେଇଥିବା ଅଭିଯୋଗ ହୋଇଛି। ଗତ ୫ ତାରିଖ ରାତିରେ ଗ୍ରାମର ଅଭିରାମ ସାହୁଙ୍କ ଘରୁ ସୁନା ଓ ନଗଦ ଟଙ୍କା ଚୋରି ନେଇ ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ ଚାଲିଛି, ଶୀଘ୍ର ଚୋରଙ୍କୁ କାବୁ କରାଯିବ ବୋଲି ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ କହିଛନ୍ତି।

## କ୍ୟାଡର ପୁନର୍ବିନ୍ୟାସ ଦାବି ଜୋର ଧରିଲା

ବାରିପଦା,୯।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

**କୃଷି ଓଭରସିୟର ସଂଘ ବୈଠକ**

ରାଜ୍ୟ କୃଷି ଓଭରସିୟର ସଂଘ ମୟୂରଭଞ୍ଜ ଜିଲା ଶାଖା ପକ୍ଷରୁ ଶନିବାର ଜିଲାସ୍ତରୀୟ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ତାରାକାନ୍ତ ଦାସଙ୍କ ସଭାପତିତ୍ୱରେ ବୈଠକରେ ସଭାପତି ତଥା ଜିଲା ସାଧାରଣ ସମ୍ପାଦକ ତୁଷାରକାନ୍ତି ମହାନ୍ତି, ସାଧାରଣ ସମ୍ପାଦକ ପ୍ରମୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କ୍ୟାଡ଼ରରେ ପୁନର୍ବିନ୍ୟାସ ନେଇ ଦାବି ଉପସ୍ଥାପନ କରିଥିଲେ। କୃଷକମାନଙ୍କ ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ବିଭିନ୍ନ ଯୋଜନାକୁ ତୃଣମୂଳସ୍ତରରେ ଉକ୍ତ କୃଷି ଓଭରସିୟରମାନେ କାର୍ଯ୍ୟ କରିଥାନ୍ତି। କୃଷି ଓଭରସିୟରଙ୍କ କ୍ୟାଡ଼ର ପୁନର୍ବିନ୍ୟାସ ହେବା ଜରୁରୀ ବୋଲି ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ଦାବି ଅନୁଯାୟୀ, କ୍ୟାଡ଼ର ପୁନର୍ଗଠନ, ପଦବୀ ପୁନର୍ବିନ୍ୟାସ, ଦରମାରେ ଥିବା ଅସଙ୍ଗତ ଦୂରୀକରଣ, ଚାକିରିରେ ପଦୋନ୍ନତୀ ଆଦି ରହିଛି। ଉକ୍ତ ଦାବି ଗୁଡ଼ିକ ବିଚାରଧୀନ ଥିବା ବେଳେ ସମସ୍ତଙ୍କ ସହଯୋଗ ରହିଲେ ଏହା ପୂରଣ ହେବ ବୋଲି ମତପ୍ରକାଶ ପାଇଛି। ବୈଠକରେ ଖାଲି ଥିବା ଜିଲା ସଂଘର ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଛି। ମୁଖ୍ୟ ଉପଦେଷ୍ଟା ଭାବେ ପ୍ରଦୀପ ମଲ୍ଲିକ, ଉପଦେଷ୍ଟା ଭାବେ କମଳ ନାୟକ ଓ ହେମନ୍ତ ବେହେରା, ଯୁଗ୍ମ ସମ୍ପାଦକଭାବେ ମନୋଜ ସାନ୍ତରା, ଉପ ସଭାପତି ଭାବେ ଅର୍ଜୁନ ପାତ୍ର, ସଂଗଠନ ସମ୍ପାଦକ ସସ୍ମିତା ଭୁଜବଳ ଓ ମାଟୁରାମ ହେମ୍ବ୍ରମ ଏବଂ ଅଡିଟର ଭାବେ ଅଶୋକ କୁମାର ମିଶ୍ରଙ୍କ ନାମ ଘୋଷଣା ହୋଇଛି। ମୟୂରଭଞ୍ଜ ଜିଲାର ସମସ୍ତ ୨୬ ବ୍ଲକର କର୍ମଚାରୀ ଯୋଗଦେଇଥିଲେ। ଶେଷରେ ସଂଘର ବରିଷ୍ଠ ସଦସ୍ୟ ସୁଶାନ୍ତ ଦେ ଧନ୍ୟବାଦ ଅର୍ପଣ କରିଥିଲେ।

## ୨ ସପ୍ତାହ ରୋକ ଲଗାଇଲେ ହାଇକୋର୍ଟ

ହାଟଡ଼ିହୀ,୯।୧୨(ଶୁଭକାନ୍ତ ନାୟକ)

**ଜିଆର୍‌ଏସ୍‌ଙ୍କୁ ବହିଷ୍କାର ମାମଲା**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବାଲିବରେଇ ପଞ୍ଚାୟତର ପୂର୍ବତନ ଜିଆରଏସ ପୁର୍ନେନ୍ଦୁ କୁମାର ଥାଟୋଇଙ୍କୁ ଜିଲାପାଳ ଆଦେଶ (ନଂ. ୮୯୫୫/୨୮ ଡିସେମ୍ବର ୨୦୨୩) ରେ ଚାକିରିରୁ ବହିଷ୍କାର କରିଥିଲେ। ଆଦେଶ ବିରୋଧରେ ଜିଆରଏସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ କେନ୍ଦୁଝର ଜିଲାପାଳ, ଜିଲାପରିଷଦ ସିଡିଓ ତଥା ଇଓ, ହାଟଡିହୀ ଏବଂ ତେଲକୋଇ ବିଡିଓଙ୍କୁ ପକ୍ଷଭୁକ୍ତ କରିଥିଲେ। ଡିସେମ୍ବର ୬ରେ ମାମଲାର ଶୁଣାଣି କରି ଦୁଇ ସପ୍ତାହ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବନି ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବା ଜିଆରଏସ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୯କୁ ଧାର୍ଯ୍ୟ ହୋଇଛି। ଜିଆରଏସ୍ ଥାଟୋଇ କିଛି ମାସ ପୂର୍ବରୁ ହାଟଡିହୀ ବ୍ଲକ୍‌ରୁ ତେଲକୋଇକୁ ବଦଳି ହୋଇଥିଲେ। ବିଭିନ୍ନ ସରକାରୀ ଯୋଜନାରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ପରେ ଜିଲାପାଳ ତାଙ୍କୁ ବହିଷ୍କାର କରିଥିଲେ। ତେବେ ଜିଆରଏସ ଥାଟୋଇ କହିଛନ୍ତି, ତଦନ୍ତ ରିପୋର୍ଟରେ ମୋର କୌଣସି ଭୂମିକା ନ ଥିବା ଉଲ୍ଲେଖ ରହିଛି। ଏଥିସହ ନିଜର ଏବଂ ବାପାଙ୍କର ଅସୁସ୍ଥତାକୁ ନେଇ ପ୍ରଶାସନକୁ ଜଣାଇଛି। ଅଳ୍ପ ବେତନରେ ଶହେରୁ ଊର୍ଦ୍ଧ୍ୱ କିମି ଦୂର ବ୍ଲକ୍‌ରେ କାର୍ଯ୍ୟ କରିବା କଷ୍ଟକର ହେଉଥିବାରୁ ନିକଟସ୍ଥ ଏକ ବ୍ଲକ୍‌କୁ ବଦଳି ପାଇଁ ପ୍ରାର୍ଥନା କରିଥିଲେ। କୌଣସି ଭୁଲ ନ ଥାଇ ପ୍ରଶାସନ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା କହିଛନ୍ତି।

## 'କାନ୍ତକବି ଥିଲେ ଜୀବନ ଯନ୍ତ୍ରଣାର ମର୍ମସ୍ପର୍ଶୀ ସଙ୍ଗୀତ'

**ଜନ୍ମମାଟିରେ ପାଳିଲେ କାନ୍ତକବିଙ୍କ ଜୟନ୍ତୀ**

ତିହିଡ଼ି,୯।୧୨(ସଞ୍ଜିତ ବଳ)



ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥିମାନେ।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଜୀବନ ଯନ୍ତ୍ରଣାକୁ ମର୍ମେ ମର୍ମେ ଅନୁଭବ କରିଥିଲେ। ଯାହା ତାଙ୍କ ଅଧିକାଂଶ ସୃଷ୍ଟିରେ ପ୍ରତିଫଳିତ। ସେଥିପାଇଁ କାନ୍ତକବି ନିଜେ ମର୍ମସ୍ପର୍ଶୀ ସଙ୍ଗୀତର ଉଚ୍ଛ୍ୱାସ ପାଲଟିଥିବା ୧୩୬ତମ ଜୟନ୍ତୀ ଅବସରରେ ତାଙ୍କ ଜନ୍ମମାଟି ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ତାଳପଦାରେ ଶନିବାର ଅନୁଷ୍ଠିତ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କାନ୍ତକବି ସ୍ମୃତି ପରିଷଦ ସହଯୋଗରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ କାନ୍ତକବିଙ୍କ ଫଟୋ ଥିବା ଡାକଟିକେଟ ପ୍ରଦର୍ଶନ କରିବା ସହ ତାଳପଦା ପଞ୍ଚାୟତକୁ କାନ୍ତକବିଙ୍କ ନାମରେ ନାମିତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସେ ଦାବି କରିଥିବା କହିଥିଲେ। ବରେଣ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗଦେଇ କାନ୍ତକବିଙ୍କ ପୀଠର ବିକାଶ ପାଇଁ ୫-ଟି ପକ୍ଷରୁ ମିଳିଥିବା ୫୦ଲକ୍ଷ ଟଙ୍କା ଅନୁଦାନର ସୁବିନିଯୋଗ ଲାଗି ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ।

ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ କଥାକାର ପବିତ୍ର ପାଣିଗ୍ରାହୀ ଓ ପୂର୍ଣ୍ଣଚନ୍ଦ୍ର ବହଳି, ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ ନାୟକ, ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ରୁଜାତା ପଣ୍ଡା, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ ଦାସ, ସରପଞ୍ଚ ଜୟଶ୍ରୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସାମାଜିକ କର୍ମୀ ପ୍ରଫୁଲ୍ଲ ପାଢ଼ୀ, ଶରତ ଦାସ, ଆଦିତ୍ୟ ଜେନା, ପରିଷଦର ସହସମ୍ପାଦକ ବିଶ୍ୱରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ବାଣୀକଲ୍ୟାଣ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଗ୍ରାମର ମହିଳାମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାଇଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ କବି ହୃଦାନନ୍ଦ ପାଣିଗ୍ରାହୀ ପୌରୋହିତ୍ୟ ଓ ପରିଷଦର ସଭାପତି ଚିନ୍ତାମଣି ଦାସ ସଞ୍ଚାଳନ କରିଥିଲେ। ଉପସଭାପତି ରାକେଶ ମହାପାତ୍ର, ଅଜିତ ଦାସ, ସୁବାସ ଜେନା, ଦୀପକ ଜେନା, ଦୈତାରୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଅଭୟାରଣ୍ୟ ଅଞ୍ଚଳରେ ବେଆଇନ ଇଟାଭାଟି

ନୀଳଗିରି, ୯।୧୨(ପ୍ରଶାନ୍ତ ବିଶ୍ୱାଳ)

**କାର୍ଯ୍ୟାନୁଷ୍ଠାନ ନେବାରେ ପଛାଉଛି ପ୍ରଶାସନ**



ଅଭୟାରଣ୍ୟ ଅଞ୍ଚଳରେ ଥିବା ଇଟାଭାଟି।

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ କୁଲଡ଼ିହା ଇକୋ ସେନସିଟିଭ୍ ଜୋନ୍ (ଜୈବ ସମ୍ବେଦନଶୀଳ ଅଞ୍ଚଳ) ଭିତରେ ଏକାଧିକ ବେଆଇନ ଇଟାଭାଟି ଚାଲିଛି। ଏହାକୁ ନେଇ ପରିବେଶବିତ୍ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ୨୭୨.୭୫ ବର୍ଗ କି.ମି. ପରିବ୍ୟାପ୍ତ କୁଲଡ଼ିହା ଅଭୟାରଣ୍ୟ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ କେନ୍ଦ୍ର ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ୨୦୧୭ ଅଗଷ୍ଟ ୯ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ମୋଟ ୨୧୯.୧୮ବର୍ଗ କି.ମି. ଅଞ୍ଚଳକୁ କୁଲଡିହା ଇକୋ ସେନସିଟିଭ୍ ଜୋନ୍‌ରେ ଅନ୍ତର୍ଭୁକ୍ତ କରାଯାଇଥିଲା। ପରେ ଏହି ସେନ୍‌ସିଟିଭ ଜୋନ ଓ ଅଭୟାରଣ୍ୟ ସୀମାନ୍ତରେ ୧୫ ଚିମିନିଭାଟି ଥିବା ବନବିଭାଗ ଜାଣିବାକୁ ପାଇଥିଲା। ବେଆଇନ ଇଟାଭାଟି ଯୋଗୁ ଅଭୟାରଣ୍ୟ ଓ ଏହା ମଧ୍ୟରେ ଥିବା ବନ୍ୟପ୍ରାଣୀଙ୍କ ପ୍ରତି ଘୋର ବିପଦ ସୃଷ୍ଟି ହେଉଛି। ଅଭୟାରଣ୍ୟ ଭିତରେ ଚିମିନି ଇଟାଭାଟିରୁ ବାହାରୁଥିବା କୋଇଲା ଧୂଆଁରେ ପ୍ରଦୂଷଣ ବଢୁଥିବା ସହ କାହାରି ସିଟିଂ କ୍ରାଇଟେରିଆ, ମାଇନିଂପ୍ଲାନ୍, ପଲ୍ୟୁଶନ ପ୍ରମାଣପତ୍ର ନ ଥିବା ସ୍ଥଳେ ସ୍ଥାନୀୟ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ବିବାଦ ବଢ଼ିବାରେ ଲାଗିଛି। ଏନେଇ ପୂର୍ବରୁ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ବିଧାନସଭାରେ ପ୍ରଶ୍ନ ମଧ୍ୟ ଉଠାଇଥିଲେ। ଗତ ମେ'ରେ ସମସ୍ତ ବେଆଇନ ଭାଟି ମଧ୍ୟରୁ ନିର୍ଦ୍ଦିଷ୍ଟ ଭାବେ ଗୋଟିଏ ଇଟାଭାଟିକୁ ଜରିମାନା ଦେଇ ନ ଥିବା କହି ଭାଙ୍ଗି ଦେଇଥିଲା ବେଳେ ଅନ୍ୟ ସମସ୍ତ ଭାଟିକୁ ବନ୍ଦ କରିଦେଇଥିଲେ। ହେଲେ ଗତ ଏକ ମାସ ହେବ ପୁଣି ଅଭୟାରଣ୍ୟ ଭିତରେ ବେଆଇନ ଇଟାଭାଟି ଚାଲିବା ସମ୍ବନ୍ଧରେ ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଇକୋ ସେନସିଟିଭ ଜୋନ ଭିତରେ ଯେମିତି କୌଣସି ଚିମିନିରୁ ଧୂଆଁ ନ ବାହାରେ ସେଥିପାଇଁ ନୀଳଗିରି ତହସିଲଦାର ଦିପ୍ତୀମୟୀ ବେହେରାଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶର ଦେବାର ୧୦ଦିନ ବିତିଯାଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହେଉ ନ ଥିବା ସାଧାରଣରେ ଆଲୋଚନା ହେଉଛି। ଏ ନେଇ ନୀଳଗିରି ତହସିଲଦାର ଦିପ୍ତୀମୟୀ ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ପ୍ରଥମେ ଆରମ୍ଭ ହୋଇଥିବା ୩ଟି ବେଆଇନ ଚିମିନି ଇଟାଭାଟିକୁ ନୋଟିସ୍ ଜାରି କରିଛୁ। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ଆଗକୁ ଅନ୍ୟମାନଙ୍କୁ ମଧ୍ୟ ନୋଟିସ୍ ଜାରି କରିବୁ ବୋଲି କହିଛନ୍ତି। ପ୍ରଶାସନ ଚିମିନି ଭାଟିରୁ ବାହାରୁଥିବା କୋଇଲା ଧୂଆଁ ଦିଗରେ କଣ କାର୍ଯ୍ୟାନୁଷ୍ଠାନ ନେଉଛି ତାହା ଦେଖିବାକୁ ବାକି ରହିଲା।

